# ‘ସ୍ୱତନ୍ତ୍ର ଯୋଜନା ଓ ନିର୍ଦ୍ଦିଷ୍ଟ ମାନଦଣ୍ଡ ହିଁ ସଫଳତା ଦେଇପାରିବ’

ଭୁବନେଶ୍ୱର,୧୮।୨(ନି.ପ୍ର): ଭାରତରେ ସ୍ମାର୍ଟ ସିଟି ତାଲିକାରେ ଭୁବନେଶ୍ୱରକୁ ଏକ ନମ୍ବର ଭାବେ ମାନ୍ୟତା ମିଳିଛି। ଏହା ରାଜ୍ୟପାଇଁ ଯେତିକି ଗୌରବର କଥା ଆଗାମୀ ଦିନରେ ଯେଉଁସବୁ ଆହ୍ୱାନ ରହିବ ତାକୁ ସଫଳ ଭାବେ ମୁକାବିଲା କରିବା ତା’ଠାରୁ ଢେରଗୁଣରେ ଚିନ୍ତାର ବିଷୟ। ସହରର ବିକାଶ ପାଇଁ ସବୁ ବର୍ଗର ଲୋକଙ୍କ ବିକାଶ ପାଇଁ ଆବଶ୍ୟକ ଭିତ୍ତିଭୂମିଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ,



## ଜିସିଆଇ ପକ୍ଷରୁ ସ୍ମାର୍ଟସିଟିରେ ସ୍ୱଚ୍ଛତା ଶୀର୍ଷକ ଆଲୋଚନାଚକ୍ର

ସୁଚିନ୍ତିତ ପରାମର୍ଶକୁ ଆଧାର କରି ସରକାର ଏକ ସ୍ୱତନ୍ତ୍ର ଯୋଜନା କରିବା ସହିତ ନିର୍ଦ୍ଦିଷ୍ଟ ମାନଦଣ୍ଡ ବଜାୟ ରଖିଲେ ସ୍ମାର୍ଟସିଟିରେ ସ୍ୱଚ୍ଛତା ଆସିପାରିବ। ଗ୍ଲୋବାଲ କମ୍ପାକ୍ଟ ଇଣ୍ଡିଆ(ଜିସିଆଇ) ପକ୍ଷରୁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟସ୍ ଅଫ୍ ଇଣ୍ଡିଆ ପରିସରରେ ସ୍ମାର୍ଟସିଟିରେ ସ୍ୱଚ୍ଛତା ପ୍ରସଙ୍ଗରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବହୁ ବୁଦ୍ଧିଜୀବୀ ଏହି ମତବ୍ୟକ୍ତ କରିଛନ୍ତି।

ଇଆଇଆର୍‌ସିର ଅଧ୍ୟକ୍ଷ ସିଏମ୍‌ଏ ଶିବ ପ୍ରସାଦ ପାଢ଼ୀ ଆଲୋଚନାଚକ୍ରରେ ପୌରୋହିତ୍ୟ କରି କହିଥିଲେ ଯେ ଆଗାମୀ ଦିନରେ ଭୁବନେଶ୍ୱର ଯେଉଁ ସ୍ମାର୍ଟସିଟିରେ ପରିଣତ ହେବାକୁ ଯାଉଛି ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ଓ ଯୋଜନା ପରିଚାଳନାରେ ସାଧୁତା ରହିବା ଆବଶ୍ୟକ। ଏହା କେବଳ ସେତିକିବେଳେ ସମ୍ଭବ ହୋଇପାରିବ ଯେତେବେଳେ ସବୁ ବର୍ଗର ଲୋକଙ୍କ ପରାମର୍ଶକୁ ନେଇ ସରକାର ଯୋଜନା ପ୍ରସ୍ତୁତ କରିବେ ଏବଂ କାର୍ଯ୍ୟରେ ଲଗାଇବେ ବୋଲି ଶ୍ରୀ ପାଢ଼ୀ କହିଥିଲେ। ଏଥିରେ ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆ କହିଥିଲେ ଯେ ସହର ଟ୍ରାଫିକ୍ ବ୍ୟବସ୍ଥା ପ୍ରଭୃତି କ୍ଷେତ୍ରରେ ଯେଭଳି ଏକ ନିର୍ଦ୍ଦିଷ୍ଟ ମାନଦଣ୍ଡ ବଜାୟ ରହିବ ସେଦିଗ ପ୍ରତି ସରକାର ଧ୍ୟାନ ଦେବା ଆବଶ୍ୟକ। ସ୍ୱଚ୍ଛତା ଏକ ବିରାଟ ପ୍ରଶ୍ନ। ଏଥିପାଇଁ ସରକାର ବିଭିନ୍ନ ଏନ୍‌ଜିଓ, ବିଶେଷଜ୍ଞ ଓ ସିଭିଲ ସୋସାଇଟର ପରାମର୍ଶକୁ ନେଇ କାର୍ଯ୍ୟରେ ଲଗାଇଲେ ଲୋକେ ସୁଫଳ ପାଇବେ। ତେବେ ସହରର ୯୦ ପ୍ରତିଶତ ଲୋକେ ଯେ ପର୍ଯ୍ୟନ୍ତ କାର୍ଯ୍ୟଧାରା ଓ ଆଇନ ଉପରେ ସଚେତନ ହୋଇ ନାହାନ୍ତି ସେ ପର୍ଯ୍ୟନ୍ତ ସ୍ମାର୍ଟସିଟିର ସ୍ୱାଦ ଚାଖି ହେବନାହିଁ। ପ୍ରତ୍ୟେକ କ୍ଷେତ୍ରରେ ବଡ଼ ଛୋଟ ନଦେଖି ନ୍ୟାୟରେ ଯଦି ସମାନତା ରହିବ ତେବେ ସ୍ୱଚ୍ଛତା ଆସିପାରିବ। ଏଥିରେ ପୂର୍ବତନ ପ୍ରଶାସକ ଦେବରାଜ ବିଶ୍ୱାଳ ଯୋଗଦେଇ ସହରର ୨୦ରୁ ୨୫ କିମି ପରିସୀମା ମଧ୍ୟରେ ଥିବା ଲୋକେ ଯେଭଳି ପାନୀୟଜଳ, ସ୍ୱାସ୍ଥ୍ୟସେବା, ପରିମଳ, ଶିକ୍ଷା, ପାର୍କ, ପରିମଳ, ଗମନାଗମନର ସୁବିଧା ପାଇପାରିବେ ତାହା ଆଗାମୀ ଦିନରେ ସରକାରଙ୍କ ପାଇଁ ପ୍ରଶ୍ନବାଚୀ ରହିବ।

ଆଲୋଚନାଚକ୍ରକୁ ପରିଚାଳନା କରି ସେଣ୍ଟର ଅଫ୍ ଏକ୍ସେଲେନ୍‌ସୀ ଫର୍ ଗଭର୍ଣ୍ଣାନ୍ସ ଏଥିକ୍ସ ଆଣ୍ଡ ଟ୍ରାନ୍‌ସପରେନ୍ସୀ(ସିଇଜିଇଟି)ର ନିର୍ଦ୍ଦେଶିକା ସବନମ୍ ସିଦ୍‌କି କହିଥିଲେ ଯେ ସରକାରରେ ସ୍ୱଚ୍ଛତା ଆଣିବାକୁ ହେଲେ ଭିତ୍ତିଭୂମି ନିର୍ମାଣଠାରୁ ଆରମ୍ଭ କରି ବ୍ୟବସାୟ କ୍ଷେତ୍ର ପର୍ଯ୍ୟନ୍ତ ସବୁଥିରେ ବିଶେଷଜ୍ଞ ଓ ବରିଷ୍ଠ ନାଗରିକଙ୍କ ପରାମର୍ଶ ଗ୍ରହଣ କରିବା ଉଚିତ୍। ଏଠାରୁ ଯେଉଁ ନିର୍ଯ୍ୟାସ ବାହାରିବ ତାକୁ ନେଇ ସରକାରଙ୍କୁ ଏକ ପ୍ରସ୍ତାବ ଦିଆଯିବ। ଏହି ଅବସରରେ କେଏଲଏଲ୍‌ର ସହ ଉପସଭାପତି ସୁମିତ ଶର୍ମା ଏକ ପ୍ରସ୍ତାବ ଉପସ୍ଥାପନା କରିଥିବାବେଳେ ସିଏମ୍‌ଏ ସିଭି ରମଣ, ବିବେକ ପଟ୍ଟନାୟକ, ସିଦ୍ଧାର୍ଥ ଓ ଅରବିନ୍ଦ ପ୍ରମୁଖ ଯୋଗଦେଇ ରାଜନୈତିକ ଇଚ୍ଛାଶକ୍ତି, ପ୍ରଶାସକଙ୍କ ଆନ୍ତରିକତା ଓ ଦକ୍ଷ ନେତୃତ୍ୱ ହିଁ ସ୍ମାର୍ଟସିଟି କାର୍ଯ୍ୟରେ ସ୍ୱଚ୍ଛତା ଆଣିପାରିବ ବୋଲି କହିଥିଲେ। ଆଲୋଚନାଚକ୍ରରେ ବିଭିନ୍ନ କମ୍ପାନୀର କର୍ତ୍ତୃପକ୍ଷ ଓ ଚାଟାର୍ଡ ଆକାଉଣ୍ଟାଣ୍ଟଙ୍କ ସହ ବହୁ ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ସାମିଲ ଥିଲେ।